
ଅନୁଗୋଳ ଜିଲା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଆଠମଲ୍ଲିକର କଳାକାରମାନେ ଦଣ୍ଡ ନୃତ୍ୟ ପରିବେଷଣ କରୁଛନ୍ତି।


ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦେଖିବାକୁ ଅନୁଗୋଳ ଷ୍ଟାଡିୟମରେ ଭରପୂର ଦର୍ଶକ।

# କୁତୁ କୁତୁ କଲା ସନ୍ତୁ-ରାଜୁ ଦାସଙ୍କ କମେଡି

ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାର ଅନ୍ୟତମ ପ୍ରମୁଖ ଆକର୍ଷଣ ଥିଲା କମେଡି। ଉଦ୍‌ଘାଟନୀ ପର୍ବ ଶେଷ ହେବା ପରେ ମଞ୍ଚକୁ ଉଠିଥିଲେ ସନ୍ତୁ-ରାଜୁ ଦାସଙ୍କ ଯୋଡ଼ି। ଆଉ ଷ୍ଟାଡିୟମରେ ଖେଳିଯାଇଥିଲା କୁତୁକୁତିଆ ପରିବେଶ। ନିଜର ମଜାଳିଆ ଓ କୌତୁକିଆ କଥାରେ ଏହି ଯୋଡ଼ି କିଣିନେଇଥିଲେ ଜିଲାବାସୀଙ୍କ ମନ। ଆରମ୍ଭରୁ ଶେଷ ଯାଏ ହସାଇ ହସାଇ ବେଦମ କରିଥିଲେ ସହସ୍ରାଧିକ ଦର୍ଶକଙ୍କୁ। ହାସ୍ୟରୋଳରେ ପୂରା ଷ୍ଟାଡିୟମ ଯେପରି ଫାଟିପଡୁଥିଲା।


ସନ୍ତୁ-ରାଜୁ ଦାସଙ୍କ ଯୋଡ଼ି ମଞ୍ଚରେ କମେଡି ପରିବେଷଣ କରୁଛନ୍ତି।


କିଶୋରନଗର କଳା ଓ ସଂସ୍କୃତି ସଂଘ ପକ୍ଷରୁ ପାଲା ପରିବେଷଣ।

# ଲୋକକଳାର ପୁନରୁଦ୍ଧାର କରୁଛି ମହୋତ୍ସବ



ଦ୍ୱିତୀୟ ସନ୍ଧ୍ୟାର ଉଦ୍‌ଘାଟନୀ ମଞ୍ଚରେ ମନ୍ତ୍ରୀ, ବିଧାୟକ ଓ ଶିଳ୍ପସଂସ୍ଥାର ଅଧିକାରୀମାନେ।

**ଅନୁଗୋଳ ଅଫିସ, ୧୯।୧**

ପୁରାତନ ଲୋକକଳା, ସଂସ୍କୃତିର ପୁନରୁଦ୍ଧାର ପାଇଁ ପ୍ରୟାସ କରାଯାଉଛି। ରାଜ୍ୟର ୩୦ଟି ଜିଲାରେ ଧୁମ୍‌ଧାମରେ ପାଳନ ହେଉଥିବା ମହୋତ୍ସବ ଏହାର ବଡ଼ ମାଧ୍ୟମ ସାଜିଛି। ସେହିପରି କଳାକାରଙ୍କୁ ମଧ୍ୟ ପ୍ରୋତ୍ସାହନ ଦିଆଯାଉଛି। ରାଜ୍ୟରେ ଏକାସାଙ୍ଗରେ ୫୦ ହଜାର କଳାକାରଙ୍କୁ ଭତ୍ତା ପ୍ରଦାନ କରାଯାଉଛି। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ। ଅନୁଗୋଳ ଜିଲା ମହୋତ୍ସବର ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ।

ଅନୁଗୋଳ ଷ୍ଟାଡିୟମଠାରେ ଚାଲିଥିବା ଅନୁଗୋଳ ଜିଲା ମହୋତ୍ସବର ଦ୍ୱିତୀୟ

## ଅନୁଗୋଳ ଜିଲା ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଭାବେ ବିଭିନ୍ନ ଲୋକକଳା ପ୍ରଦର୍ଶନ କରାଯାଇଥିଲା। ପ୍ରଥମେ କିଶୋରନଗର ବ୍ଲକର କଳା ଓ ସଂସ୍କୃତି ସଂଘ ପକ୍ଷରୁ ଗାୟକ ଜଗମୋହନ ମିଶ୍ର ଓ ସାଥୀମାନେ ପାଲା ପରିବେଷଣ କରିଥିଲେ। ଏହାପରେ ଆଠମଲ୍ଲିକର କଳାକାର ରାଧାମୋହନ ମିଶ୍ର ଓ ସାଥୀମାନେ ପାରମ୍ପରିକ ଦଣ୍ଡ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହାପରେ ମର୍ଡନ ଡ୍ୟାନ୍ସରେ ଷ୍ଟାଡିୟମ ପରିସର ଦୁଲୁକି ଉଠିଥିଲା। ନ୍ୟୁ କ୍ରିଏଶନ୍ ଡ୍ୟାନ୍ସ ଏକାଡେମୀ ଓ ଅନିତା ରାଜଗୁରୁଙ୍କ ଶିଷ୍ୟମାନେ ବଲିଉଡ୍ ଏବଂ ଓଲିଉଡର ମର୍ଡନ୍ ସଙ୍ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ସନ୍ଧ୍ୟାର ଏହି କାର୍ଯ୍ୟକ୍ରମ ଶେଷ ହେବାପରେ ଉଦ୍‌ଘାଟନୀ ପର୍ବ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥିଭାବେ ରାଜ୍ୟ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ସମ୍ମାନିତ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଳ, ଅନୁଗୋଳ ନଗରପାଳ ଅକ୍ଷୟ କୁମାର ସାମନ୍ତ, ଜେଏସ୍‌ପିର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୀନେଶ କୁମାର ସରୋଗୀ, ଏମ୍‌ସିଏଲ୍ ନିର୍ଦ୍ଦେଶକ କେଶବ ରାଓ, ଗ୍ଲୋବାଲ କୋଲ୍ ଆଣ୍ଡ ମାଇନିଂ ଲିମିଟେଡ ଡାଇରେକ୍ଟର କାର୍ତ୍ତିକେଶ୍ୱର ପାତ୍ର ଯୋଗ ଦେଇଥିଲେ।

# ମତୁଆଲା କଲେ ପୱନଦୀପ, ଅରୁନିତା

ଜିଲା ମହୋତ୍ସବର ଶୀତୁଆ ଦ୍ୱିତୀୟ ସନ୍ଧ୍ୟାକୁ ଉଷ୍ମତାରେ ଭରିଦେଇଥିଲେ ବଲିଉଡ୍ ସିଙ୍ଗର ତଥା ଇଣ୍ଡିଆନ୍ ଆଇଡଲର ସୁପରହିଟ୍ ଯୋଡ଼ି ପୱନଦୀପ ରାଜନ୍ ଓ ଅରୁନିତା କାଞ୍ଜିଲାଲ୍। ବିଳମ୍ବିତ ରାତି ଯାଏ ଏହି ଯୋଡ଼ି ଗୋଟିଏ ପରେ ଗୋଟିଏ ହିଟ୍ ଗୀତ ଗାଇ ଷ୍ଟାଡିୟମରେ ଉଚ୍ଛୁଳି ଉଠୁଥିବା ଦର୍ଶକଙ୍କୁ ପୂରା ମତୁଆଲା କରିଦେଇଥିଲେ। ସେମାନଙ୍କ ଯାଦୁଭରା କଣ୍ଠରୁ ଝରିପଡୁଥିବା ପ୍ରତିଟି ଗୀତକୁ ଲୋକେ ବେଶ୍ ଉପଭୋଗ କରିଥିଲେ। ବିଶେଷକରି ଅରୁନିତା କାଞ୍ଜିଲାଲ୍ ଗାୟିଥିବା ଅଗର ତୁମ ସାଥ ହୋ..., ଖାମୋସିୟାଁ ଆବାଜ ଦୋ...., ଲଗ୍‌ଯା ଗଲେ..., ଭିଗି ଭିଗି ରାତେ.... ଏବଂ ଓଃ ଦେବା ଦେବା ନମଃ ନମଃ.... ଆଦି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା। ମଞ୍ଚ ସମ୍ମୁଖ ହେଉ କି ଶେଷଭାଗ, ସବୁସ୍ଥାନରେ ଯୁବପିଢ଼ି ଠିଆ ହୋଇ ନୃତ୍ୟ ପରିବେଷଣ କରୁଥିବା ଦେଖିବାକୁ ମିଳିଥିଲା। ସେହିପରି ପୱନଦ୍ୱୀପ ରାଜନ୍ ଗାୟିଥିବା ସାଏଦ କଭି ନା କେହେସକେ ତୁମେ...., ପେହେଲେ କିୟୁଁ ନେହି ମିଲେ ହମ୍...., ଆଖେ ମେରେ ଖୋଜେ ହର ଜାଗା..... ଆଦି ଦର୍ଶକଙ୍କ ହୃଦୟ ଛୁଇଁଯାଇଥିଲା।


ପୱନଦୀପ ରାଜନ୍
ଅରୁନିତା କାଞ୍ଜିଲାଲ

# ବିରୁ କ୍ରିକେଟ ଟିମ୍ ଚାମ୍ପିୟନ

**କଣିହାଁ, ୧୯।୧(ଡି.ଏନ.ଏ.)**

କଣିହାଁ ବ୍ଲକ ବିରୁଠାରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବିରୁ କ୍ରିକେଟ ଟିମ୍ ଏବଂ ଗହମ କ୍ରିକେଟ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ବିରୁ କ୍ରିକେଟ ଟିମ୍ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଗଗନ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ପୂର୍ବତନ ସରପଞ୍ଚ ସୌଭାଗ୍ୟ ମଞ୍ଜରୀ ପ୍ରଧାନ, ପ୍ରଫେସର ସରୋଜ ପ୍ରଧାନ, ସଞ୍ଜୟ ପ୍ରଧାନ ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ତାମଡା ଅଧ୍ୟକ୍ଷ ଅବନୀକାନ୍ତ ସାହୁ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବିରୁ ପଲ୍ଲିଶ୍ରୀ ଯୁବକ ସଂଘର ଅଭୟ ଦେହୁରୀ, ଗୋପବନ୍ଧୁ ନାୟକ, ସୁନୀଲ ବେହେରା, ବିଜୟ ମହାନ୍ତି ସହଯୋଗ କରିଥିଲେ।



# ଯୁବବର୍ଗଙ୍କୁ ସଚେତନ ଉପରେ ଗୁରୁତ୍ୱ

**ଅନୁଗୋଳ ଅଫିସ, ୧୯।୧**

ଅନୁଗୋଳ ଜିଲାରେ ସଡ଼କ ସୁରକ୍ଷା ସପ୍ତାହର ଉଦ୍‌ଯାପନୀ ଉତ୍ସବ ଜିଲା ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଅତିରିକ୍ତ ଜିଲାପାଳ (ସାଧାରଣ) ରଜନୀକାନ୍ତ ସ୍ୱାଇଁ ଅତିଥି ଭାବେ ଯୋଗଦେଇଥିଲେ। ସୁରକ୍ଷିତ ଗାଡ଼ିଚାଳନା, ଧନଜୀବନ ସୁରକ୍ଷା ଲାଗି ଆବଶ୍ୟକ ସତର୍କତା ଅବଲମ୍ବନ କରିବାକୁ ଯୁବବର୍ଗଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଅତିରିକ୍ତ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅତିରିକ୍ତ ଏସ୍‌ପି ପ୍ରସନ୍ନ କୁମାର ବିଶ୍ୱାଳ, ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ନିଖିଳ କୁମାର ପଟ୍ଟନାୟକ, ଟ୍ରକ୍ ମଲିକ ସଂଘ ସଭାପତି ଅମ୍ବିକା ଭଟ୍ଟ, ବସ ମାଲିକ ସଂଘ ସଭାପତି ମାନସ ସାମଲ, ସୁଶାନ୍ତ ସେଠୀ, ଏମଭିଆଇ ଦିବ୍ୟାଜ୍ୟୋତି ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ।



ସୁରକ୍ଷା ସପ୍ତାହର ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅଧିକାରୀମାନେ।

# ଆଙ୍କୁଲା ଏକାଦଶ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

**ବଁଅରପାଳ, ୧୯।୧(ଡି.ଏନ୍.ଏ.)**

ଅନୁଗୋଳ ଜିଲା ବଁଅରପାଳ ବ୍ଲକ ତଳମୂଳ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ତଳମୂଳକ କ୍ରିକେଟ୍ କପ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଗିରିଧରପ୍ରସାଦକୁ ହରାଇ ଆଙ୍କୁଲା ଏକାଦଶ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଯୁବ ବିଜେଡି ନେତା ଅମରେଶ ସାହୁ, ଶୁଭାଶିଷ ତ୍ରିପାଠୀ ପ୍ରମୁଖ ଯୋଗଦେଇ ରନର୍ସଅପ୍ ଦଳକୁ କପ୍ ପ୍ରଦାନ କରିଥିଲେ। ତଳମୂଳ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ବଇଣ୍ଡା, ୧୯।୧(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ସାନହୁଲା ପଞ୍ଚାୟତିରାଜ ହାଇସ୍କୁଲରେ ଚାଲିଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଶ୍ୱନାଥ ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଲମ୍ବଡିଆଁ, ଉଚ୍ଚଡିଆଁ, ୧୦୦ ମିଟର, ୨ ଶହ ମିଟର ଦୌଡ଼ ଆଦି କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷକ ବିଶ୍ୱନାଥ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ସାନହୁଲା ସରପଞ୍ଚ ସସ୍ମିତା ବେହେରା ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ମୁଖ୍ୟବକ୍ତା ଶିକ୍ଷାବିତ୍ ସୁଧାକର ସାହୁ, ଅନ୍ୟତମ ଅତିଥି ସମିତିସଭ୍ୟା ତପସ୍ୱିନୀ ନାୟକ, ପ୍ରଦୀପ ସେଠୀ, ବୀରେନ ସାହୁ, ବିଜୟଲକ୍ଷ୍ମୀ ନାୟକ, ରୋଜାଲିନ ଦେହୁରୀ, ରଶ୍ମୀତା ପ୍ରଧାନ, ମିଲି ସାହୁ, ହେମଲତା ନାୟକ, ପୁଷ୍ପଲତା ନାୟକ ଯୋଗଦେଇଥିଲେ। ବିନୋଦିନୀ ସାହୁ, ଜଗଦୀଶ ନନ୍ଦ, ତ୍ରିଲୋଚନ ଦେହୁରୀ ପରିଚାଳନା କରିଥିଲେ।


କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ଆବାସ ତାଲିକା ପୋଡ଼ି, ଯୁବକ ଗିରଫ

**ଛେଣ୍ଡିପଦା, ୧୯।୧ (ଡି.ଏନ.ଏ.)**

ଅନୁଗୋଳ ଜିଲା ଜରପଡା ଥାନା କୋରଡା ପଞ୍ଚାୟତରେ ଲଗାଯାଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସମ୍ଭାବ୍ୟ ତାଲିକାକୁ ପୋଡି ଦେଇଥିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ପୋଲିସ କହିଛି, ପଞ୍ଚାୟତ କାର୍ଯ୍ୟାଳୟରେ ଆବାସ ଯୋଜନାର ଯୋଗ୍ୟ ହିତାଧିକାରୀଙ୍କ ତାଲିକା ଲଗା ଯାଇଥିଲା। କୋରଡା ଗ୍ରାମର ସଂସାର ଦେହୁରୀ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଆବାସ ସମ୍ଭାବ୍ୟ ତାଲିକାକୁ ପୋଡି ଦେଇଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏସ୍‌ଆଇ ଆଦିତ୍ୟ ପଟ୍ଟନାୟକ ଅଭିଯୁକ୍ତ ଦେହୁରୀଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛନ୍ତି।

# ଉତ୍ତମ ନାଗରିକ ହେବାକୁ ପରାମର୍ଶ

**ଅନୁଗୋଳ ଅଫିସ, ୧୯।୧**

ଅନୁଗୋଳ ଜିଲା ବଁଅରପାଳ ବ୍ଲକ ସାନକେରଜାଙ୍ଗସ୍ଥିତ ଲିଟିଲ ଏଞ୍ଜେଲ ଏକାଡେମୀର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୋଶଳା ମହାବିଦ୍ୟାଳୟ ପୂର୍ବତନ ଅଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ତମ ନାଗରିକ ହୋଇ ସୁନାମ ଅର୍ଜନ କରିବା ପାଇଁ ଉପଦେଶ ଦେଇଥିଲେ। ଦୁର୍ଗାଚରଣ ନନ୍ଦ, ବିଶ୍ୱନାଥ ଦ୍ୱିବେଦୀ, ନୀଳକଣ୍ଠ ବୀର ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରାଇଥିଲେ। ସ୍କୁଲର ପରିଚାଳନା ନିର୍ଦ୍ଦେଶିକା ରୀନାବାଳା ପଣ୍ଡା, ଅଧ୍ୟକ୍ଷ ବସନ୍ତ କୁମାର ପଣ୍ଡା, ଉପାଧ୍ୟକ୍ଷ ସୋନାଲି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ରୋଜାଲିନ୍ ଜେନା, ସଂଘମିତ୍ରା ବେହେରା, ସ୍ୱାଗତିକା ମିଶ୍ର, ଯସ୍ମିନରାଣୀ ପୃଷ୍ଟି, ନିହାରିକା ସାହୁ, ଲକି ବିଶ୍ୱାଳ, ସଙ୍ଗୀତା ବିଶ୍ୱାଳ, ସନ୍ଧ୍ୟାବିନି ରାଉଳ, ଶିକ୍ଷକ ତ୍ରିଲୋଚନ ସାହୁ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ବାର୍ଷିକ ଉତ୍ସବରେ ଅତିଥିଙ୍କ ସହ ଶିକ୍ଷୟିତ୍ରୀମାନେ।

## ସଂକ୍ଷେପରେ

### ଜୟନ୍ତ, ମମତା ଚାମ୍ପିୟନ

**ଢେଙ୍କାନାଳ ଅଫିସ, ୧୯।୧:** ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସିମିନଇସ୍ଥିତ ଆଞ୍ଚଳିକ ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ କୁମାର ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ଧରଣୀଧର ବାରିକଙ୍କ ଅଧ୍ୟକ୍ଷତାରେ ଜିଲା ପରିଷଦ ସଭ୍ୟ ବାଳକୃଷ୍ଣ ସାହୁ, ପୂର୍ବତନ ସମିତି ସଭ୍ୟ ପ୍ରମୋଦ ନାୟକ, ବ୍ୟାଙ୍କ ମ୍ୟାନେଜର ପ୍ରଦୀପ ପଣ୍ଡା, ଶଶାଙ୍କ ଶେଖର ରଥ, କୈଳାସ ରାଉତ, ଅକ୍ଷୟ ରଥ, ବାବୁ ମିଶ୍ର, ଅନ୍ତର୍ଯ୍ୟାମୀ ରାଉତ, ନିରାକାର ପରିଡ଼ା, ଅଭୟ ରାଉତ, ପ୍ରାଣବନ୍ଧୁ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ବାଳକ ବିଭାଗରେ ଜୟନ୍ତ ଜେନା ଏବଂ ବାଳିକାରେ ମମତା ପରିଡ଼ା ଚାମ୍ପିୟନ ହୋଇଛନ୍ତି। ଶାରୀରିକ ଶିକ୍ଷା ଶିକ୍ଷକ ଅନିଲ ପଣ୍ଡା, ପୁରୁଷୋତ୍ତମ ରାଉତ, ସନ୍ତୋଷ ପରିଡା, ଅଶ୍ୱିନୀ ଶତପଥୀ, ପୂର୍ବତନ ଛାତ୍ର ରାଜେଶ ତ୍ରିପାଠୀ ଏହାର ପରିଚାଳନା କରିଥିଲେ। ଅଧ୍ୟାପକ ସୁରେନ୍ଦ୍ର ପରିଡ଼ା, ସୁଜିତ ସାମଲ, ଅନ୍ତର୍ଯ୍ୟାମୀ ବେହେରା, ଶଶଧର ସାହୁ, କୀର୍ତ୍ତିକୌଶିକ ପଣ୍ଡା, ଅଧ୍ୟାପିକା ଅନିତା ଦାସ, ଭାରତୀ ବେହେରା, ଗ୍ରନ୍ଥାଗାରିକ କିଶୋର ଚନ୍ଦ୍ର ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।

# ପାରମ୍ପରିକ ନୀତିରେ ହେବ ମାଘମେଳା

- ଶ୍ରଦ୍ଧାଳୁଙ୍କ ଭାବାବେଗକୁ ଦିଆଯିବ ସମ୍ମାନ
- ମେଳା ପରେ ବିବାଦ ସମାଧାନ ଉଦ୍ୟମ

**ଢେଙ୍କାନାଳ ଅଫିସ, ୧୯।୧**


ସାଧୁସନ୍ଥଙ୍କ ସହ ଜିଲାପାଳ ଆଲୋଚନା କରୁଛନ୍ତି।

ଉପାସନା ସ୍ଥଳୀ ଉଚ୍ଛେଦ ପରେ ବିଶ୍ୱପ୍ରସିଦ୍ଧ ମହିମା ଧର୍ମପୀଠ ଯୋରନ୍ଦା ମହିମାଗାଦିରେ କୌପୀନଧାରୀ ଏବଂ ବଲ୍କଲଧାରୀ ଗୋଷ୍ଠୀ ମଧ୍ୟରେ ଲାଗି ରହିଥିବା ବିବାଦର ସମାଧାନ ପାଇଁ ଗୁରୁବାର ପୁଣି ଉଦ୍ୟମ କରିଛି ଜିଲା ପ୍ରଶାସନ। ଆପୋସ ଆଲୋଚନା ପରେ ପ୍ରସିଦ୍ଧ ମାଘମେଳା ଆୟୋଜନ ନେଇ ଲାଗି ରହିଥିବା ଦ୍ୱନ୍ଦ୍ୱରେ ଯବନିକା ପଡ଼ିଛି। ଶ୍ରଦ୍ଧାଳୁଙ୍କ ଭାବାବେଗକୁ ସମ୍ମାନ ଜଣାଇ ଫେବୃୟାରୀ ୪ରେ ମହିମା ଧର୍ମାବଲମ୍ବୀଙ୍କ ଏହି ବାର୍ଷିକ ମହୋତ୍ସବ ଆୟୋଜନ କରିବା ଲାଗି ଉଭୟ ଗୋଷ୍ଠୀ ସହମତି ଜଣାଇଛନ୍ତି। ମେଳା ପରେ ବିବାଦର ସମାଧାନ ଲାଗି ପୁଣିଥରେ ଉଦ୍ୟମ କରାଯିବ ବୋଲି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଛି।

ଜିଲା କାର୍ଯ୍ୟାଳୟ ଏବଂ ଯୋରନ୍ଦାରେ ବୁଧବାର ଅନୁଷ୍ଠିତ ଦୁଇ ଦୁଇଟି ବୈଠକ ବିଫଳ ହେବା ପରେ ଗୁରୁବାର ପୁନର୍ବାର ଆଲୋଚନା ଲାଗି ନିଷ୍ପତ୍ତି ହୋଇଥିଲା। ତଦନୁଯାୟୀ ବିଧାୟକ ସୁଧୀର କୁମାର ସାମଲ, ଜିଲାପାଳ ସରୋଜ କୁମାର ସେଠୀ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ପ୍ରମୁଖ ଯୋରନ୍ଦା ଯାଇ ସାଧୁସନ୍ଥଙ୍କ ସହ ବିଚାରବିମର୍ଷ କରିଥିଲେ। ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ବିଶ୍ୱାସ ସହିତ ଜଡ଼ିତ ମାଘମେଳା ପାରମ୍ପରିକ ନୀତିରେ ଅନୁଷ୍ଠିତ ହେବ। ପରବର୍ତ୍ତୀ ସମୟରେ ଦୁଇଗୋଷ୍ଠୀ ମଧ୍ୟରେ ଆଲୋଚନା କରାଯାଇ ଜାଗା ବିବାଦର ସ୍ଥାୟୀ ସମାଧାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଜିଲାପାଳ କୁହନ୍ତି, ବର୍ତ୍ତମାନସ୍ଥିତିରେ ଭଜନମଣ୍ଡପ ନିକଟରେ କୌପୀନଧାରୀଙ୍କ ଉପାସନା ଲାଗି ଅସ୍ଥାୟୀ ଧୁନି ମନ୍ଦିର କରାଯିବ। ମାଘମେଳାରେ ଉକ୍ତ ଗୋଷ୍ଠୀର ସାଧୁସନ୍ଥମାନେ ସେମାନଙ୍କ ନୀତିକାନ୍ତି କରିବେ। ମେଳା ପରେ ଦୁଇ ଗୋଷ୍ଠୀର ସାଧୁସନ୍ଥ, ଜନପ୍ରତିନିଧି, ଜିଲା ପ୍ରଶାସନ, ପୋଲିସ ପ୍ରଶାସନର ଉପସ୍ଥିତିରେ ବିବାଦର ସ୍ଥାୟୀ ସମାଧାନ ଲାଗି ଉଦ୍ୟମ କରାଯିବ। ବିଶ୍ୱ ପ୍ରସିଦ୍ଧ ମହିମା ଧର୍ମର ଯେପରି ଖ୍ୟାତି ହ୍ରାସ ନ ପାଇବ ଏବଂ ବାହାରକୁ ଖରାପ ବାର୍ତ୍ତା ନ ଯିବ ସେଥିଲାଗି ଜିଲାପାଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ।



ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ପ୍ରତିବାଦ କରାଯାଉଛି।

# ଧାରଣା ଦେଲେ ଚାଷୀ

**ଢେଙ୍କାନାଳ ଅଫିସ, ୧୯।୧**

### ବ୍ୟବସାୟୀଙ୍କ ଧାନକୁ ଅଗ୍ରାଧିକାର ଅଭିଯୋଗ

ଢେଙ୍କାନାଳରେ ଆରମ୍ଭ ହୋଇଥିବା ଖରିଫ୍ ଧାନ ସଂଗ୍ରହ କାର୍ଯ୍ୟରେ ବ୍ୟାପକ ଅବ୍ୟବସ୍ଥା ପରିଲକ୍ଷିତ ହୋଇଛି। ବିଭିନ୍ନ ବାହାନା କରି ଚାଷୀଙ୍କଠାରୁ ୪ରୁ ୨୦ କେଜି ପର୍ଯ୍ୟନ୍ତ ଧାନ କଟ୍‌ନି ଛଟ୍‌ନି କରାଯାଉଛି। ଅଖା ବାବଦ ଟଙ୍କା ଦିଆଯାଉନାହିଁ। ଚାଷୀଙ୍କ ପରିବର୍ତ୍ତେ ବ୍ୟବସାୟୀଙ୍କଠାରୁ ଧାନ କିଣିବାକୁ ଅଧିକ ଅଗ୍ରାଧିକାର ଦିଆଯାଉଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଧାନ ବସ୍ତା ରଖି ପ୍ରତିବାଦ କରାଯାଇଥିଲା।

ଚାଷୀ ମାରଣ ନୀତି ବନ୍ଦ ନ ହେଲେ ଜିଲା କାର୍ଯ୍ୟାଳୟକୁ ଅଚଳ କରିଦିଆଯିବ। ଏହାକୁ ନେଇ ଯେଉଁ ପରିସ୍ଥିତି ସୃଷ୍ଟି ହେବ, ସେଥିଲାଗି ପ୍ରଶାସନ ଦାୟୀ ରହିବ ବୋଲି ଚାଷୀ ନେତା ପ୍ରହ୍ଲାଦ ସ୍ୱାଇଁ ଏବଂ ନବ ନିର୍ମାଣ କୃଷକ ସଂଗଠନର ଜିଲା ପ୍ରଭାରୀ ଅଶ୍ୱିନୀ କୁମାର ଚେତାବନୀ ଦେଇଛନ୍ତି। ସୂଚନା ପାଇ ଜିଲା ଯୋଗାଣ ଅଧିକାରୀ ନୀରଦ ରଞ୍ଜନ ଦାସ, ଟାଉନ ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ର ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀ ଚାଷୀଙ୍କୁ ବୁଝାଶୁଝା କରିଥିଲେ। ଏ ନେଇ ଜିଲା ଯୋଗାଣ ଅଧିକାରୀ କୁହନ୍ତି, ସେଭଳି କିଛି ବଡ଼ ସମସ୍ୟା ନାହିଁ। ଆଲୋଚନା ମାଧ୍ୟମରେ ଏହାର ସମାଧାନ ହୋଇଛି।

# ଆତ୍ମରକ୍ଷା କୌଶଳ ଜରୁରୀ

**ଭାପୁର/ସାତମାଇଲ, ୧୯।୧(ଡି.ଏନ.ଏ.)**

ଢେଙ୍କାନାଳ ସଦର ବ୍ଲକ କୋଇଲିପାଙ୍ଗି ପଞ୍ଚାୟତସ୍ଥିତ ଦେବେନ୍ଦ୍ର ଶତପଥୀ ମେମୋରିଆଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜ୍ଞାନ ବିହାର ପରିସରରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆବାହକ ଅକ୍ଷୟ ନାଥ ଯୋଗଦେଇ ଛାତ୍ରୀଙ୍କୁ ଆତ୍ମରକ୍ଷାର ବିଭିନ୍ନ କୌଶଳ ଶିଖାଇଥିଲେ। ଅଧ୍ୟକ୍ଷ ଚନ୍ଦ୍ରଶେଖର ପଣ୍ଡାଙ୍କ ସଭାପତିତ୍ୱରେ ଆବାହିକା ମୋନାଲି ରାଉତରାୟ ଯୋଗଦେଇ ଆତ୍ମରକ୍ଷା କୌଶଳ ଜରୁରୀ ବୋଲି ଛାତ୍ରୀଙ୍କୁ ସଚେତନ କରାଇଥିଲେ। ଅଧ୍ୟାପକ ମାନସ ରଞ୍ଜନ ରାଉତ, ଅଧ୍ୟାପକ ସୁନୀଲ ମହାପାତ୍ର ଉପସ୍ଥିତ ଥିଲେ।

ସେହିପରି ହିନ୍ଦୋଳ ଉପଖଣ୍ଡ ରିଜିଓନାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁରୂପ ଭାବେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। କଲେଜ ଅଧ୍ୟକ୍ଷ ରଣଜିତ ଅମାନ୍ତ ଅଧ୍ୟକ୍ଷତା କରି ଆତ୍ମରକ୍ଷା କୌଶଳ ଛାତ୍ରୀମାନଙ୍କ ଜୀବନର ସୁରକ୍ଷା ପାଇଁ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ପ୍ରଭାକର ଦ୍ୱିବେଦୀ, ଅମୀୟ ରଞ୍ଜନ ପାତ୍ର ଛାତ୍ରୀଙ୍କ ମାର୍ଗଦର୍ଶନ କରିଥିଲେ। ମାଷ୍ଟର ଟ୍ରେନର ମଧୁସ୍ମିତା ଜେନା, ସ୍ୱାତୀ ରାଉତ ପ୍ରଶିକ୍ଷଣ ଦେଉଥିବାବେଳେ ବିଜୟ ରାଉତ, ଜ୍ଞାନେନ୍ଦ୍ର ସାହୁ, ସନ୍ତୋଷ ଦାସ, ବରୁଣ ଚନ୍ଦ୍ର ମାଝି ପ୍ରମୁଖ ସହଯୋଗ କରିଥିଲେ।


ଭାପୁରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ।

# ମନୋରଞ୍ଜନ ଥିଲେ ଦକ୍ଷ ସାରସ୍ୱତ ସଙ୍ଗଠକ


ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୧୯।୧**

ଢେଙ୍କାନାଳ ପୁରୁଣା ଜିଲା ପରିଷଦ ହଲ୍‌ଠାରେ ଗୁରୁବାର ବିଶିଷ୍ଟ ସାହିତ୍ୟିକ ତଥା କବି ପଣ୍ଡିତ ମନୋରଞ୍ଜନ ନନ୍ଦଙ୍କ ଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। କବିଭୂଷଣ ସ୍ମୃତି ସଂସଦର ସମ୍ପାଦକ ଶିଳ୍ପୀ ପରେଶ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏମ୍‌ପି ମହେଶ ସାହୁ, ବରିଷ୍ଠ ଭାଜପା ନେତା ରୁଦ୍ରନାରାୟଣ ପାଣି, ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ସାମାଜିକ କର୍ମୀ ରାମଚନ୍ଦ୍ର ପାତ୍ର, ବିଶ୍ୱନାଥ ବେହେରା, ଅକ୍ଷୟ ମହାନ୍ତି, କବୟିତ୍ରୀ ପ୍ରଭାସିନୀ ମହାକୁଡ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ପୁଷ୍ପଲତା ରଥ, 'ରକ୍ତଚାବୁକ'ର ସମ୍ପାଦକ ଗଗନ ବିହାରୀ ପଣ୍ଡା, କବି ଅଥୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କବି ମନୋରଞ୍ଜନ ନନ୍ଦ ଜଣେ ଦକ୍ଷ ସାରସ୍ୱତ ସଙ୍ଗଠକ ଥିଲେ। ତାଙ୍କ ବ୍ୟକ୍ତିତ୍ୱ ଥିଲା ସ୍ୱତନ୍ତ୍ର ବୋଲି ମତପ୍ରକାଶ ପାଇଥିଲା।

ଶିକ୍ଷାବିତ୍ ଡ. ସମୀର ସାହୁ, ମଞ୍ଚ ଅଭିନେତା ଶତ୍ରୁଘ୍ନ ମାଟି, ଜିଲା ଲେଖକ ସଂସଦ ସମ୍ପାଦକ ହୃଦାନନ୍ଦ ଦ୍ୱିବେଦୀ, ଥିଙ୍କର୍ସ ଫୋରମ୍‌ର ପ୍ରକାଶ ଚନ୍ଦ୍ର ରାଉତ, ଆମ ପ୍ରତିଭା ଆମ ସମ୍ମାନର ପ୍ରିୟରଞ୍ଜନ ମାହୁନ୍ତ, ନାଟ୍ୟକାର ଦୀନେଶ ଦାସ, ରାଜ୍ୟ ସମାଜ ମଙ୍ଗଳ ବୋର୍ଡ ସଦସ୍ୟ ସାଗରିକା ମିଶ୍ର ପ୍ରମୁଖ ତାଙ୍କର ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ୮୦ ଜଣ କବି କବିତା ପାଠ କରିଥିଲେ। ଏହି ଅବସରରେ କବି ମନୋରଞ୍ଜନ ନନ୍ଦଙ୍କ ଉପରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା।

# 'ସଫଳତାର ଏକମାତ୍ର ପଥ ଶିକ୍ଷା'

**ଢେଙ୍କାନାଳ ଅଫିସ, ୧୯।୧**

ଢେଙ୍କାନାଳ ସହର ବନମାଳୀପ୍ରସାଦସ୍ଥିତ ସତ୍ୟମ୍ ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ ଶିକ୍ଷାନୁଷ୍ଠାନର ନୂତନ କ୍ୟାମ୍ପସଠାରେ ଅନୁଷ୍ଠିତ ହୋଇଯାଇଛି। ଇଂଲିଶ ଶିକ୍ଷକ ରଘୁନାଥ ମିଶ୍ରଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ମହମ୍ମଦ ବରକତ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ନବୋଦୟ ବିଦ୍ୟାଳୟର ସହକାରୀ କମିଶନର କ୍ଷିତୀଶ ଚନ୍ଦ୍ର ଦାସ ଯୋଗଦେଇ କହିଲେ ସଫଳତା ପାଇଁ ଜୀବନର ଏକମାତ୍ର ପଥ ହେଉଛି ଶିକ୍ଷା। ତେଣୁ ଛାତ୍ରୀଛାତ୍ରମାନେ ଏହାର ଗୁରୁତ୍ୱ ବୁଝି ପାଠପଢ଼ାରେ ମନଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୂର୍ଯ୍ୟପ୍ରତାପ ରାଉତ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଷ୍ଠାତା ସଭ୍ୟ ବୀରେନ୍ଦ୍ର କୁମାର ସାହୁ ଉପସ୍ଥିତ ଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

# ବୃକ୍ଷ ବିନା ଜୀବନ ଅସମ୍ଭବ

**ଢେଙ୍କାନାଳ ଅଫିସ, ୧୯।୧**

ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ପଞ୍ଚାୟତ ପନାଳି ସଂରକ୍ଷିତ ଜଙ୍ଗଲରେ ସାଗର ସାହିତ୍ୟ ସଂସଦ ପକ୍ଷରୁ ଜଙ୍ଗଲ ସୁରକ୍ଷା ଜନସଚେତନତା କାର୍ଯ୍ୟକ୍ରମ 'ଜଙ୍ଗଲ ସାଥିରେ ବସିବା ମିତ' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଲୋଗାନ ଏବଂ କବିତା ଆସର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାପତି ଜ୍ୟୋର୍ତିର୍ବିତ୍ ଶ୍ରୀବତ୍ସ ନାୟକଙ୍କ ସଭାପତିତ୍ୱରେ ବ୍ୟବସାୟୀ ଜଗବନ୍ଧୁ ସାହୁ ଯୋଗଦେଇ ବୃକ୍ଷ ବିନା ଜୀବନ ଅସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ଆଦିମ କାଳରୁ ବୃକ୍ଷ–ମଣିଷର ନିବିଡ଼ ସମ୍ପର୍କ ବିଷୟରେ ସମ୍ପାଦକ ତ୍ରିଲୋଚନ ମହାରଣା ଆଲୋକପାତ କରିଥିଲେ। କବି ଭାସ୍କର ଚନ୍ଦ୍ର ବେହେରା, ରବିନାରାୟଣ ନାୟକ, ଧନେଶ୍ୱର ସେନାପତି, ଉମ୍ବରୁଧର ପ୍ରଧାନ, ହେମନ୍ତ ନାୟକ, ପ୍ରଶାନ୍ତ ସାହୁ, ଦୁଃଶାସନ ସାହୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଡାଲଖାଇ ଠାକୁରାଣୀଙ୍କ ପୀଠରେ ଡାଳ ଦେଇ ସହସମ୍ପାଦକ କାମାକ୍ଷା ପ୍ରସାଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।


କବିତା ଆସର କାର୍ଯ୍ୟକ୍ରମରେ ସାହିତ୍ୟପ୍ରେମୀ।

# ଯୋଗରେ ଆଣିଲେ ସୁନାମ




**ଢେଙ୍କାନାଳ ଅଫିସ, ୧୯।୧**

ଢେଙ୍କାନାଳ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଜିଲା ବିଦ୍ୟାଳୟସ୍ତରୀୟ ଯୋଗାସନ ଓ ଚେସ୍ ଚମ୍ପିୟନଶିପ୍ ୨୦୨୨–୨୩ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ରଭାବୀ ପ୍ରଦର୍ଶନ କରି ସୁନାମ ଆଣିଛନ୍ତି। ବରିଷ୍ଠ ବିଭାଗରେ ବର୍ଷାରାଣୀ ରଣା ପ୍ରଥମ, ସୌସୁମୀ ରାଉତ ଦ୍ୱିତୀୟ, ସୋନାଲି ସାହୁ ତୃତୀୟ, ସୌରଦୀପ୍ତ ରାଉତ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। କନିଷ୍ଠ ବର୍ଗରେ ଶୁଭ୍ରମନ୍ୟୁ କରନ୍ ପ୍ରଥମ, ସମଶ୍ରୀ ବେହେରା ଓ ଦିବ୍ୟଜ୍ୟୋତି ରଣା ଦ୍ୱିତୀୟ, ଶୁଭକାଂକ୍ଷା ପି. ସାହୁ ତୃତୀୟ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ଚୟନ ହୋଇଛନ୍ତି। ଛାତ୍ରୀଛାତ୍ରଙ୍କ ଏଭଳି ସଫଳତାରେ ପ୍ରଶିକ୍ଷକ ତଥା ଶିକ୍ଷୟିତ୍ରୀ ମନସ୍ୱିନୀ ମିଶ୍ରଙ୍କ ଅବଦାନ ରହିଛି। ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ଦେହୁରୀ କୃତୀ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# 'ଶିକ୍ଷାନୁଷ୍ଠାନ ଖ୍ୟାତି ବଢ଼ାଅ'

**ପରଜଙ୍ଗ, ୧୯।୧(ଡି.ଏନ୍.ଏ.)**

ପରଜଙ୍ଗ ବ୍ଲକ ସାଆନ୍ଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଡିଓ ସଂଗ୍ରାମକେଶରୀ ଭୋଳ, ମୁଖ୍ୟବକ୍ତା ପଣ୍ଡିତ ମହେଶ ସାହୁ, ଶ୍ରୀଧର ପାଣି, ଶିକ୍ଷାନୁଷ୍ଠାନ କାର୍ଯ୍ୟକାରିଣୀ ଉପସଭାପତି ପ୍ରଦୀପ ବେହେରା, ପରିଚାଳନା କମିଟି ସଭାପତି ଗଙ୍ଗାଧର ପାଣି, ସମ୍ପାଦକ ଅକ୍ଷୟ ପଣ୍ଡା, ପ୍ରଧାନ ଆଚାର୍ଯ୍ୟ ସଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁମନ୍ଦିର ଏଭଳି ଏକ ସ୍ଥାନ, ଯେଉଁଠାରେ ଛାତ୍ରୀଛାତ୍ର, ଅଭିଭାବକ ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ଦେଖିବାକୁ ମିଳେ। ଭଲ ପାଠପଢ଼ି ଶିକ୍ଷାନୁଷ୍ଠାନର ଖ୍ୟାତି ବଢ଼ାଇବାକୁ ମୁଖ୍ୟ ଅତିଥି ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଗୁରୁବନ୍ଦନା, ମାତୃବନ୍ଦନା, ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ପ୍ରକୋଷ୍ଠରେ ତାଲା, ବାରଣ୍ଡାରେ ପଢ଼ିଲେ

- ବାରମ୍ବାର ଡେପୁଟେଶନରେ ଶିକ୍ଷକ
- ଛାତ୍ରୀଛାତ୍ରଙ୍କ ଅଭିନବ ପ୍ରତିବାଦ

**ଢେଙ୍କାନାଳ ଅଫିସ, ୧୯।୧**

ଶିକ୍ଷକଙ୍କୁ ମନଇଚ୍ଛା ପଠାଯାଉଛି ଡେପୁଟେଶନରେ। ମୁଣ୍ଡ ଉପରେ ପରୀକ୍ଷା ଥିବାବେଳେ ପାଠପଢ଼ା ଗୁରୁତ୍ୱର ଭାବେ ପ୍ରଭାବିତ ହେଉଛି। ଏଭଳି ଅବ୍ୟବସ୍ଥା ବିରୋଧରେ ଅଭିନବ ପ୍ରତିବାଦ କରିଛନ୍ତି ଢେଙ୍କାନାଳ ସଦର ବ୍ଲକ ସୋଗରପଶି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର। ସେମାନେ ୩ଦିନ ହେଲା ବିଦ୍ୟାଳୟ ପ୍ରକୋଷ୍ଠରେ ତାଲା ପକାଇ ବାରଣ୍ଡାରେ ପଢୁଛନ୍ତି। ଏପରି କି ମଧ୍ୟାହ୍ନ ଭୋଜନ ରୋଷେଇ ବନ୍ଦ ହୋଇଯାଇଥିବାରୁ ଘରୁ ବିସ୍କୁଟ ଆଣି ଖାଉଛନ୍ତି।

ଉଲ୍ଲେଖଯୋଗ୍ୟ, ବିଦ୍ୟାଳୟରେ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୯୮ ପିଲା ପାଠ ପଢୁଛନ୍ତି। ଆଠଟି ଶ୍ରେଣୀ ପାଇଁ ଅନ୍ୟୂନ ୫ଜଣ ଶିକ୍ଷକଙ୍କ ଆବଶ୍ୟକତା ଥିବାବେଳେ ୪ଜଣ ଅଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ଶିକ୍ଷକଙ୍କୁ ବାରମ୍ବାର ଡେପୁଟେଶନରେ ପଠାଯାଉଛି। ଫଳରେ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଏ ସଂକ୍ରାନ୍ତରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ ଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଭାବକ ଓ ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି।

ଏ ସଂକ୍ରାନ୍ତରେ ବିଇଓ ବ୍ରହ୍ମାନନ୍ଦ ରାଉତ କୁହନ୍ତି, ସେମିତି କିଛି ଅସୁବିଧା ନାହିଁ। ନିକଟ ବିଦ୍ୟାଳୟରେ ଜଣେ ଶିକ୍ଷକ ନ ଥିବାରୁ ସେଠାକୁ ସମ୍ପୃକ୍ତ ଶିକ୍ଷକଙ୍କୁ ଡେପୁଟେଶନରେ ପଠାଯାଇଛି। ଉକ୍ତ ସ୍କୁଲକୁ ଶିକ୍ଷକ ଆସିଲେ ତାଙ୍କୁ ପୁନର୍ବାର ସୋଗରପଶି ସ୍କୁଲକୁ ଫେରାଇ ଅଣାଯିବ।


ଛାତ୍ରୀଛାତ୍ର ବାରଣ୍ଡାରେ ପାଠ ପଢୁଛନ୍ତି।

# ୮ରୁ କାମାକ୍ଷାନଗର ମହୋତ୍ସବ

- ଯୋଗଦେବେ ରାଜ୍ୟ ବାହାର ଖ୍ୟାତନାମା କଳାକାର
- ସମାନ୍ତରାଳ ଭାବେ ହେବ ପଲ୍ଲିଶ୍ରୀ ମେଳା, କ୍ରୀଡ଼ା ମହୋତ୍ସବ

**କାମାକ୍ଷାନଗର, ୧୯।୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗରରେ ପ୍ରଥମ ଥର ଆୟୋଜନ ହେବ 'କାମାକ୍ଷାନଗର ମହୋତ୍ସବ'। ଆସନ୍ତା ଫେବୃୟାରୀ ୮ରୁ ୧୨ ଯାଏ ୪ଦିନ ଧରି ସାରଙ୍ଗଧର ଷ୍ଟାଡିୟମରେ ଏହା ଅନୁଷ୍ଠିତ ହେବ। ରାଜ୍ୟ ତଥା ରାଜ୍ୟ ବାହାରର ନାମୀଦାମୀ କଳାକାର ଆମନ୍ତ୍ରିତ ହୋଇ ଆସିବେ। ସମାନ୍ତରାଳ ଭାବେ କ୍ରୀଡ଼ା ମହୋତ୍ସବ ଏବଂ ପଲ୍ଲିଶ୍ରୀ ମେଳା ମଧ୍ୟ ଆୟୋଜନ ହେବ ବୋଲି ଗୁରୁବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି।

ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ବୈଠକରେ ଅଧ୍ୟକ୍ଷତା କରି ମହୋତ୍ସବରେ ସବୁବର୍ଗର ଲୋକଙ୍କୁ ଯୋଡ଼ିବା ଲାଗି ପରାମର୍ଶ ଦେଇଥିଲେ। ମହୋତ୍ସବ କମିଟି ସଭାପତି ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ ସ୍ୱାଗତ ଭାଷଣରେ କହିଲେ, ମହୋତ୍ସବ ସହ ଏକକାଳୀନ ଭାବେ ସାଂସ୍କୃତିକ ସମାରୋହ, ଜାତୀୟସ୍ତରୀୟ କ୍ରୀଡ଼ା, ପଲ୍ଲିଶ୍ରୀ ମେଳା ଆୟୋଜନ କରାଯିବ। ଫୁଟ୍‌ବଲ, କ୍ରିକେଟ, କବାଡ଼ି, ଭଲିବଲ୍, ବ୍ୟାଡ୍‌ମିଣ୍ଟନ, ତୀରନ୍ଦାଜୀ ପ୍ରତିଯୋଗିତାରେ ଜାତୀୟସ୍ତରୀୟ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ ବୋଲି ଉପଜିଲାପାଳ ସୂଚନା ଦେଇଛନ୍ତି। ଏମ୍‌ପି ମହେଶ ସାହୁ ଆଲୋଚନାରେ ଭାଗନେଇ ସମନ୍ୱୟ ରକ୍ଷା କରି ମହୋତ୍ସବକୁ ସଫଳ କରିବାକୁ ନିବେଦନ କରିଥିଲେ। ଜିଲା ପରିଷଦ ଉପସଭାନେତ୍ରୀ ବିଳାସିନୀ ସେଠୀ ଏଭଳି ଆୟୋଜନକୁ ପ୍ରଶଂସା କରିଛନ୍ତି। ମହୋତ୍ସବକୁ ଶୃଙ୍ଖଳିତ କରିବା ଲାଗି ପ୍ରଶାସନିକ ଅଧିକାରୀ, ଜନପ୍ରତିନିଧିଙ୍କୁ ନେଇ ୧୯ଟି କମିଟି ଗଠନ କରାଯାଇଛି।

ବୈଠକରେ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ, କାମାକ୍ଷାନଗର ନଗରପାଳ ଧର୍ମାନନ୍ଦ ପରିଡ଼ା, ଭୁବନ ନଗରପାଳ ଶୁଭେନ୍ଦୁ ସାହୁ, କଙ୍କଡ଼ାହାଡ଼ ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, ଭୁବନ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, ବିଭିନ୍ନ ବିଭାଗର ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।



ବୈଠକରେ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀମାନେ।

